**ANNEXURE -C**

| DAV PUBLIC SCHOOLS, ODISHA ZONE | | | |
|---|---|---|---|
| PA-III, SUBJECT : HGIHER ODIA, CLASS : VIII | | | |
| MARKING SCHEME | | | |
| QSTN NO | Value Points | Marks Allotted | |
| 1 | କ. ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶର ବାର୍ତ୍ତା ପାଇ ତାମିଲ ଭାଷାଭାଷୀ ବେଣୁଗୋପାଳ ଆଚାରୀ ରାଞ୍ଚି କଲେଜର ଅଧ୍ୟାପକ ପଦରୁ ଇସ୍ତଫା ଦେଇ ମାତ୍ର ପଚାଶ ଟଙ୍କା ବେତନରେ ସେଠାକୁ ଆସି କାମ କଲେ ।<br>ଖ.ବ୍ୟାସକବି ଫକୀରମୋହନ ସେନାପତି ତାଙ୍କ ଜୀବନର ଶେଷ ଭାଗରେ ତିନି ଦିନ ସତ୍ୟବାଦୀ ବନବିଦ୍ୟାଳୟରେ ରହି ପିଲାଙ୍କ ଭିତରେ ପିଲାଟିଏ ପାଲଟି ଯାଇଥିଲେ ।<br>ଗ.ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ପ୍ରତିଷ୍ଠିତ ଟଲଷ୍ଟୟ ଆଶ୍ରମ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତି ନିକେତନ ଓ ସତ୍ୟବାଦୀ ବନବିଦ୍ୟାଳୟ ମଧ୍ୟରେ ଏକ ଆଦର୍ଶଗତ ସାମ୍ୟ ଥିଲା ।<br>ଘ.ସରଳ ଓ ନିରାଡ଼ମ୍ବର ଜୀବନଯାପନ ଥିଲା ସତ୍ୟବାଦୀ ବନବିଦ୍ୟାଳୟର ବୈଶିଷ୍ଟ୍ୟ ।<br>ଙ.ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶରେ ମୁଗ୍ଧ ହୋଇ ଓଡ଼ିଶାର ପ୍ରାୟ ପ୍ରତି ଗଡ଼ଜାତର ରାଜା, ପୁରୀ ଏମାର ମଠର ମହନ୍ତ ପ୍ରଭୃତି ଏହି ବିଦ୍ୟାଳୟକୁ ଅର୍ଥ ଦାନ କରୁଥିଲେ । | 5 | |
| 2 | ଦରଖାସ୍ତ: ସମ୍ବୋଧନ ଓ ଠିକଣା - ୧, ବିଷୟବସ୍ତୁ ଓ ଲିଖନ ଶୈଳୀ - ୩ , ଉପସଂହାର - ୧ | 5 | |
| 3 | (କ) (i) ଗୁଣବାଚକ (ii) ପରିମାଣବାଚକ (iii) ପୂରଣବାଚକ (iv) ଅବସ୍ଥାବାଚକ (v)ସଂଖ୍ୟାବାଚକ<br>(ଖ) (i) ପ୍ରଶ୍ନବାଚକ (ii) ସମ୍ବନ୍ଧବାଚକ/ ଆପେକ୍ଷିକ (iii) ବ୍ୟକ୍ତିବାଚକ/ ପୁରୁଷବାଚକ (iv) ଗୁରୁତ୍ୱ ଆରୋପକ / ଆତ୍ମବାଚକ (v) ସମ୍ବନ୍ଧବାଚକ/ ଆପେକ୍ଷିକ | 5<br>5 | 65-67 |
| 4 | କବିଙ୍କ ନାମ, କବିତାର ନାମ, ପ୍ରସଙ୍ଗ ଅବତାରଣା, ଅନୁଚ୍ଛେଦ ବିଭାଗୀକରଣ, ସ୍ୱମତାମତକୁ ଆଧାର କରି ପୂର୍ଣ୍ଣ ନମ୍ବର ଦିଆଯାଇପାରିବ । | 5 | 22 |
| 5 | (କ) ଜାତୀୟ ପତାକା ଆମ ଜାତିର ଦେବତା ଓ ଅମୂଲ୍ୟ ସମ୍ପଦ । ଜାତୀୟ ପତାକା ତଳେ ଶହଶହ ବୀର ପ୍ରାଣ ବିସର୍ଜନ କରି ଆମର ମାନ ରଖିଥିବାରୁ ଆମେ ଜାତୀୟ ପତାକାକୁ ପ୍ରଣାମ କରିବା ।<br>(ଖ) ଗୋଷ୍ଠୀ ଜୀବନର ସତ୍ତାର ଅଭାବ ତଥା ଗ୍ରାମରେ ପାରସ୍ପରିକ କଳହ ହେତୁ ଗ୍ରାମ୍ୟ ଜୀବନ କଳୁଷିତ ହେବାରେ ଲାଗିଛି । | 3X2=6 | 22,60<br>61 |

| | | | |
|---|---|---|---|
| | (ଗ) ଆଧ୍ୟାତ୍ମିକତାର ମୌଳିକ ବିଷୟଟି ହେଉଛି ମନୁଷ୍ୟ କେବଳ ବିଷୟାସକ୍ତ ନ ହୋଇ ପ୍ରାଣ ବା ଆତ୍ମାର ବିକାଶ ବିଷୟରେ କିଛି ଧ୍ୟାନ ଦେବ । | | |
| 6. | (କ) (i) ଛାରକନା (ଖ) (iv) କେନ୍ଦ୍ର ସାହିତ୍ୟ ଏକାଡ଼େମୀ<br>(ଗ) (ii) ଆଲବର୍ଟ ସ୍ୱାଇଜର (ଘ) (iii) ଚାଇନା | 4 | 21,20<br>60, 57 |
| 7. | (କ) ଅଭାବୀ ଦୁଃଖିଆ ମାଆ ନିଜର କୁନି ପୁଅଟି ମୁହଁରେ ଦୁଧ ଟିକେ ପିଇବାକୁ ଦେବାରେ ଅକ୍ଷମ ହେତୁ ଖାଲି ପାଣିରେ ଚିନି ପକାଇ ତାକୁ ପିଆଇବା ପାଇଁ ରମୁକୁ ଚିନି ମାଗୁଥିଲା ।<br>(ଖ) ଲେଖକଙ୍କ ସହିତ ସୁନନ୍ଦା ବଜାରକୁ ଗଲାବେଳେ ମାଗନ୍ତା ପିଲାର କୁକୁର ବାନ୍ତିକୁ ଚାଟି ଖାଇବାର ଦୃଶ୍ୟ , ଅଭାବୀ ମାଆର ନର୍ଦ୍ଦମାରୁ ଅଇଁଠା ପାତ୍ର ସାଉଁଟିବାର ଦୃଶ୍ୟ, କ୍ଷୀର ଟୋପେ ନପାଇ ମାଆ କୋଳରେ ଶିଶୁ ଢଳିପଡ଼ିବାର ଦୃଶ୍ୟ ଆଦି ହୃଦୟବିଦାରକ ଦୃଶ୍ୟରେ ସୁନନ୍ଦାଙ୍କ ମାନସିକ ପରିବର୍ତ୍ତନ ଘଟିଥିଲା । ତେଣୁ ଶାଢ଼ି ଓ ଜିନିଷପତ୍ର କିଣିବାକୁ ସୁନନ୍ଦା ମନା କଲେ ।<br>(ଗ) କଥାକାରଙ୍କ ସହ ସୁନନ୍ଦା ରାସ୍ତାରେ ଗଲାବେଳେ ଭୋକିଲା ଲୋକଙ୍କର ଯନ୍ତ୍ରଣା ତଥା ମୃତ୍ୟୁର ବୀଭତ୍ସ ଦୃଶ୍ୟ ସୁନନ୍ଦାଙ୍କ ହୃଦୟକୁ ପରିବର୍ତ୍ତନ କରିଥିବାରୁ, ବୁଭୁକ୍ଷୁମାନଙ୍କୁ ଆହାର ଦେବା ନିମନ୍ତେ ସୁନନ୍ଦା-ଭୋଜନାଳୟ ଖୋଲାଯାଇଥିଲା ।<br>(ଘ) 'ଦଶହରା ଭେଟି' ଗଳ୍ପଟିରେ ଆଶ୍ୱିନ ମାସ ଦୁର୍ଗାପୂଜା ବା ବିଜୟାଦଶମୀର ସକାଳର କଥା କୁହାଯାଇଛି ।<br>(ଙ) ନୂଆ ସବ୍‌ଜଜ୍ ପ୍ରେମରାଜବାବୁ , ତାଙ୍କ ସ୍ତ୍ରୀ ଚାନ୍ଦିନୀ ଓ ତାଙ୍କର ପୁଅଝିଅ, ପ୍ଲିଡର ବଙ୍କିମ ବାବୁ , ଜୋସେଫ୍ ରାଉତ ଓ ତାଙ୍କ ସ୍ତ୍ରୀ ଇଭ ରାଉତ , ଚରଣକିଙ୍କର ବାବୁଙ୍କୁ ନିମନ୍ତ୍ରଣ କରିବାକୁ ସୁନନ୍ଦା ଲେଖକଙ୍କୁ କହିଥିଲେ ।<br>**ବି.ଦ୍ର. – ସମ୍ଭାବ୍ୟ ଉତ୍ତରକୁ ବିଚାରକୁ ନେଇ ମୂଲ୍ୟାୟନ କରାଯିବ ।** | 5 | 89 |
| | | **40** | |